# ଦୟାନଦୀ

**ଗାୟତ୍ରୀବାଳା ପଣ୍ଡା**

ଇତିହାସକୁ ଘୋଷି ମୁଖସ୍ଥ କଲେ
ଇତିହାସ ବଞ୍ଚି ରହେନାହିଁ ।

ଇତିହାସର ଆତ୍ମା ପବନରେ ଥାଏ
ଡେଙ୍ଗେଇ ଚାଲିଥାଏ ସମୟର କାନ୍ଥଯାକ
ଶାଗୁଆ ଦିଶେ ବୋଲି
ଲୋଭରେ ତାକୁ ତୋଳିନଉଥାଏ ମଣିଷ ।

ମୁଁ ବି ବାରବାର ସେଇ ଲୋଭରେ ପଡ଼େ
ଭ୍ରମରେ ଘାରିହୁଏ
ରକ୍ତରେ ଲାଲ୍ ହୋଇଥିବା
ଦୟାନଦୀ କୂଳରେ ଯାଇ ଛିଡ଼ାହୁଏ ନିଶାର୍ଦ୍ଧରେ
ପଚାରେ, ଆଜିଯାଏଁ ବି ଧରିରଖିଚୁ
ସେଦିନର ଲାଲ୍ ରଂଗରୁ ଚିମୁଟାଏ
ସେ ପୁରୁଣା ଘା'ରୁ ଦରଜ ଟିକିଏ
ଏତେ ବର୍ଷପରେ, ଏତେ ପାଣି ବହିଗଲାପରେ

ଦୟାନଦୀ କିଛି କହେନି ।

ମୁଁ ଇତିହାସକୁ ଯାଏ
ସେଠି ଅସଂଖ୍ୟ ନଦୀ, ଅସଂଖ୍ୟ କୂଳ
ସେଠି ଛିଡ଼ାହେଇ ମୁଁ ଚିତ୍କାର ଛାଡ଼େ ତ
ଦୟାନଦୀ ଭିଡ଼ିମୋଡ଼ିହୋଇ ପଶିଯାଏ ମୋ ରକ୍ତରେ
ମୋ ରକ୍ତ ଆହୁରି ଗାଢ଼ ଦିଶେ
ଗଭୀର, ବିସ୍ତୃତ ହୁଏ

ମତେ ଲାଗେ ମୋ ଧମନୀ ଭିତରେ
ଦୟାନଦୀର ପାଣିଧାର
ମୋ ଦେହ ହିଁ ଦୟାନଦୀ
ରକ୍ତ-କ୍ଷୋଭ-ପଶ୍ଚାତ୍ତାପରେ କଳକଳ ।

ସ୍ୱପ୍ନର ରଂଗ, ଦୁଃଖର ରଂଗ
ସୌନ୍ଦର୍ଯ୍ୟର ରଂଗ, ସଦ୍‌ଭାବନାର ରଂଗଭଳି
ଦୟାନଦୀର ରଂଗ ଓଡ଼ିଶାର ପ୍ରତି ଶିରାରେ ଥାଏ
ଭବିଷ୍ୟତ ଆଖି ସାମ୍ନାରୁ ଲୁଚିବାଯାଏଁ
ମୋଡ଼ ପାଖରେ ଛିଡ଼ାରହି ଦୟାନଦୀ
ମଣିଷକୁ ମଣିଷପଣିଆ ଆଡ଼େ ବାଟ ଦେଖଉଥାଏ ।

**ଦେବୀପୀଠ**

**ଗାୟତ୍ରୀବାଳା ପଣ୍ଡା**

ପାହାଚ ପରେ ପାହାଚ ଡେ଼ଇଁ
ମନସ୍କାମନା ହିଁ ପ୍ରଥମେ ପହଂଚିଯାଉଚି ସେଠି।

ମୋର ଶୁଭ୍ର ଶାଢ଼ୀ, ପରିଚ୍ଛନ୍ନ ଶରୀର
ପ୍ରତିଥର ପଛରେ ପଡ଼ିଯାଉଛି
ଏଠିସେଠି ଛିଟ୍‌କି ପଡ଼ିଥିବା ରକ୍ତ ଉପରେ
ପାଦ ଥାପିଥାପି ଗଲାବେଳକୁ
କାହିଁକି କେଜାଣି ମତେ କଷ୍ଟ ହେଉଛି।

ବଧ୍ୟସ୍ଥଳରେ ଖୁଉବ୍ ଭିଡ଼, ଠେଲାପେଲା
ମତେ ଆଉ ଦିଶୁନି ସେଇ ନିରୀହମାନଙ୍କ ମୁହଁ
ଯୋଉମାନଙ୍କ ବେକ କଟାସରିଛି
ଯୋଉମାନେ ନିର୍ବିକାର ଅପେକ୍ଷିଛନ୍ତି
ନିଜର ମୃତ୍ୟୁକୁ
ଯୋଉମାନଙ୍କ ଅନ୍ତଃସ୍ଥଳରୁ ଓଟାରି ହେଇଆସୁଛି କଲିଜା
ଆଖିକୋଣୁ ଚିପୁଡ଼ିହେଇ ବାହାରିଆସୁଛି ଧାରେ ଲୁହ
ପାଟିରେ ଭାଷା ଥିଲେ ଅବଶ୍ୟ କହିଥାନ୍ତେ
ନିଅ, ଏଠୁ ଆମକୁ ନିଅ।

ମତେ ଦିଶୁନି ସେମାନଙ୍କ ମୁହଁ
ଦିଶୁନି ଘାତକର ହାତ,
କୁରାଢ଼ୀ, ଭୁଜାଲି କି ହତିଆର କିଛି
ମତେ କେବଳ ଲାଲ୍ ରଂଗ ଦିଶୁଛି
ବଳିର ରକ୍ତ, ରକ୍ତର ଲାଲ୍ ରଂଗ
ଆଉ ଲାଲ୍ ରଂଗଙ୍କ ମହୋତ୍ସବରେ ମୁଁ
ମୋର ମନସ୍କାମଙ୍କ ମେଳରେ ଠିଆହେଇଛି
ସହଜ, ଦର୍ପିତ।

ଟିକକ ପରେ ମୁଁ ଏଠୁ ଫେରିବି ଘରକୁ
ସାଂଗରେ ନେଇଯିବି ସାରୁ ପୁଡ଼ିଆରେ
ବଳି ମାଂସରୁ କିଛି, ତଟକା ରକ୍ତରୁ କିଛି
ମୋ ପରିବାର, ମୋ ଆତ୍ମୀୟସ୍ୱଜନ
ଭାବବିହ୍ୱଳ ହେବେ
ସବୁରି ରକ୍ତରେ ମିଶିଯିବ ସେ ରକ୍ତର ବାସ୍ନା
ମନସ୍କାମ ପୂର୍ଣ୍ଣ ହେବାର ପୁଲକମୟ ତୃଷ୍ଣା।

ମୋର ତମାମ୍ ସ୍ୱପ୍ନ ଭିତରେ ଦିଶୁଥିବ ସେ ପୀଠ
ମୋ କାନରେ ଢ଼ୋ ଢ଼ୋ ବାଜୁଥିବ
ପୀଠର ମାହାତ୍ମ୍ୟ
ମୋ ଖଟଦାଢ଼କୁ ଲାଗି ଠିଆହୋଇଥିବ
ସେଇ ନିରୀହ ଛେଳି
ଯାହାର ମାଂସରେ ମୋର ମନସ୍କାମନା
ପୂର୍ଣ୍ଣ ହେବାର ସମ୍ଭାବନା
ଯାହାର ଲୁହରେ ମୁଁ ବିଜୟୀ ହୋଇପାରିଥିବାର ବିଜ୍ଞପ୍ତି
ଯାହାର ରକ୍ତରେ ମୋର ଉଜ୍ଜ୍ୱଳ ଭବିଷ୍ୟତର
ମହକ
ସେଇ ଛେଳି ମତେ ପଚାରୁଥିବ
ତମ ମହତ୍ତ୍ୱାକାଂକ୍ଷାର ରଂଗ କ'ଣ
ମୋ ରକ୍ତଠୁଁ ଆହୁରି ଗାଢ଼୍!

**ବୁଢ଼ା ଆଂଗୁଠି**

**ଗାୟତ୍ରୀବାଳା ପଣ୍ଡା**

ପଣ୍ଠା   ।ପରେ ଆଉ ଘାରିହେଲି
କେତେବେଳେ !

ମାଗିଲ ତ
ଦେଇଦେଲି ବୁଢ଼ା ଆଂଗୁଠି
ଖୁସି ଖୁସିରେ ।

ତମର ଛଳ
ଓ ମୋର ନିଷ୍କପଟ ଚାହାଣୀ ମଧ୍ୟରେ
ପଡ଼ିରହିଲା ସେ ଆଂଗୁଠି
ପଡ଼ିପଡ଼ି ପ୍ରତୀକ ପାଲଟିଗଲା
ଇତିହାସରେ ।

ନାଃ । ବିସ୍ଫୋରଣର ଶବ୍ଦ
ଶୁଭିଲା ନାଇଁ କୋଉଠୁ
ତମ ସ୍ମିତ ହସର ସୀମାନ୍ତରେ
ନତମସ୍ତକ ଭାଗ୍ୟ ମୋର
ଛିଡ଼ାରହିଲା ସ୍ଥିର
ସଂଭ୍ରମରେ ।

କଟାଜାଗାରୁ ଝରୁଥିବା ରକ୍ତଝର
ତଥାପି ଧୋଇପାରିଲା ନାଇଁ
ତମ ମାୟାରୁ ପଟଳ
ତୀବ୍ର ଯନ୍ତ୍ରଣାରେ ବି ଓଠଫାଙ୍କରେ
ଉକୁଟିଥିବା ହସ
ତମକୁ ଶିଖେଇପାରିଲା ନାଇଁ
ନିରପେକ୍ଷ ରହିବା କୌଶଳ
ଚିରନ୍ତନ ଅଭିଳାଷକୁ ଆହୂତି ଦେଲାବେଳେ
ତମେ ଜାଣିଜାଣି ଚାହିଁଲନି
ଆଖିଡୋଳାକୁ ମୋର ।

ତୃପ୍ତ ଦିଶିବା ବି ଗୋଟେ କଳା
ତମରିଠାରୁ ଶିଖିରଖିଲି ସେଦିନ ।

ଜାଣିଲି, ଏବେଠୁ
ମୁଁ ଆଉ କେବେବି ରହିବିନାଇଁ
ତମ ଆଶଙ୍କାର ଆକାଶରେ
ଉଜ୍ଜ୍ୱଳ ନକ୍ଷତ୍ରଟେ ହୋଇ
ଜାଣିଲି, ତମ ଆଶୀର୍ବାଦରୁ ପ୍ରାପ୍ତ
ଏ ଅଥର୍ବତା ମୋର
ତମକୁ ମୁକ୍ତିଦେଲା ଅହେତୁକ ଆତଙ୍କରୁ
ଆସନ୍ତା ସବୁଦିନ ପାଇଁ ।

ମୁଁ ଛାର
କାଇଁକି ନିନ୍ଦିବି ଭାଗ୍ୟ
ଗୋଟେ ବୁଢ଼ା ଆଂଗୁଠି ବଦଳରେ
କାଳକାଳକୁ ଅମର ରହିବାର ଲୋଭ
କାହାର ବା ନାଇଁ !

# ମରିପାରିନଥିବା ଗୋଟେ ସ୍ତ୍ରୀଲୋକ

**ଗାୟତ୍ରୀବାଳା ପଣ୍ଡା**

ଗଣଧର୍ଷଣ, ଯୌତୁକ ନିର୍ଯାତନା ଆଉ ଗର୍ଭପାତଭଳି
ଅସରନ୍ତି ମୃତ୍ୟୁ ସ' ଥରକୁ ଥର ଯୁଝିଯୁଝି
ମରିପାରିନଥିବା ଗୋଟେ ସ୍ତ୍ରୀଲୋକ
ସହସ୍ର ସହସ୍ର ଥର ଉଠି ଛିଡ଼ାହୁଏ
ତା' ଜଖ୍ମୀପଣର ଜୁଇ ଭିତରୁ
ଯୋଉଠି ଜଳୁଥାଏ ହୁତ୍‌ହୁତ୍ ନିଆଁ
ଲଜ୍ଜାର, ଅପମାନର
ଯାହାର ବ୍ୟାପ୍ତି ସଂଚରି ଯାଉଥାଏ ସାରା ବ୍ରହ୍ମାଣ୍ଡକୁ
ତା' ଭିତରୁ ଉଠିଆସେ ସେ
ଫୁଙ୍ଗୁଳା କେଶ, ବିପର୍ଯ୍ୟସ୍ତ ବେଶବାସ
ରଡ଼ରଡ଼ ଚାହାଣୀରେ
ଦୁନିଆକୁ ଏତିକି କହିବାକୁ
ଯେ ମୁଁ ବଂଚିଛି।

ତା' ଦେହର ଦର୍ପଣରେ ଦିଶୁଥାଏ
ଲକ୍ଷଲକ୍ଷ ସ୍ତ୍ରୀଲୋକଙ୍କ ଭୟାବହ ଭାଗ୍ୟ
ଆଖିଡୋଳାରେ ଅନେକ ଅମାନବୀୟ ଘଟଣାର ଦଲିଲ୍
ପ୍ରତିଟି ଲୋମକୂପରେ ଲୋମହର୍ଷକ ମୁହୂର୍ତ୍ତମାନଙ୍କ ମୁହଁ
ରକ୍ତର ପ୍ରଖରତମ ସୁଅରେ ପ୍ରତିଶୋଧର ବହ୍ନି
ଜରାୟୁରେ ଅନ୍ୟାୟ, ଅପମାନ ଆଉ ଅବଜ୍ଞାର ବୀର୍ଯ୍ୟ
ତଥାପି ହକାରୁଥାଏ ସେ
ଜୀବନର ଶେଷ ପାହାଚରେ ଛିଡ଼ାରହି
ଯେ ମୁଁ ବଂଚିଛି।

ସମୟର ପାକୁଳିରେ ମିଳେଇଯାଏ ପ୍ରତିଟି ଦୁର୍ଘଟଣା ଓ ଦାଗ
ଇତିହାସରେ ଲିପିବଦ୍ଧ ହୁଏ ପ୍ରତିଟି ନୂଆ ଲଜ୍ଜା
ଅଶ୍ଳୀଳ ରୋଚକ ଦୃଶ୍ୟ
ମରଣଶୀଳ ପ୍ରତିଟି ସ୍ୱାଭିମାନର କପାଳରେ
ପୁଟ ଦିଆଯାଉଥାଏ କାଦୁଅର
ତଥାପି ମରିପାରିନଥିବା ସେ ସ୍ତ୍ରୀଲୋକ
ଥରକୁ ଥର ଯୋନିରୁ ଆଡ଼ଉଥାଏ ଲୁଗା
ଇତିହାସରୁ ଛେଲୁଥାଏ ବକଳ

ଦୁନିଆକୁ ଏଇୟା ଦେଖେଇବାକୁ ଯେ
କେହି କେବେ କରିପାରିନି
ତା' କ୍ଷତର ଆକଳନ
ନା ସମୟ ନା ସଂସାର !

ମରିପାରିନଥିବା ସେ ସ୍ତ୍ରୀଲୋକ
ଦିନେଦିନେ ରାତିଅଧରେ କବାଟ ବାଡ଼ାଏ ମୋର
କହେ, କଞ୍ଚା ରକ୍ତକୁ ଆଘ୍ରାଣକରି
ଛଟପଟ ହଅନା
ଗୋଟେ ସ୍ଳୋଗାନ୍ ଲେଖ୍
କଞ୍ଚା ରକ୍ତର ବାସ୍ନାଠୁଁ ଆହୁରି ଉତ୍କଟ, ଆହୁରି ଗାଢ଼୍
ସେଇ ସ୍ଳୋଗାନ୍ ଯାହା ଫୁଟିଆସୁଥିବା ସବୁ ଫୁଲଙ୍କୁ
ଅଚାନକ ବୋମାରେ ବଦଳେଇପାରେ।
ମୋର ଥରଥର ପାପୁଲିରେ ଗୁଂଜିଦିଏ ନିଆଁହୁଳା
କହେ, ବ୍ୟାପିଯା', ମିଛ ପୁରୁଷାକାରକୁ ଛାରଖାର କର।
ମୋର ଉଦାସ ସଂଜସାରା ବୁଣିଦିଏ
ମହମହ ଆତ୍ମବିଶ୍ୱାସର ମଲ୍ଲୀଫୁଲିଆ ବାସ୍ନା
କହେ, ନିଜ ଭାଗ୍ୟର ନିର୍ଣ୍ଣାୟକ ଈଶ୍ୱରୀ ତୁ
ଗୋଟେ ସଂକଳ୍ପ ପାଲଟିଯାଆ।

ମରିପାରିନଥିବା ସେ ସ୍ତ୍ରୀଲୋକର କ୍ଷତକୁ
ମୁଁ ନିବିଡ଼ ଭାବରେ ଛୁଏଁ
ଆଲିଙ୍ଗନ କରେ
ସନ୍ତର୍ପଣରେ ମୋ ଦିହରୁ ଲୁଗା ଆଡ଼ାଏ
ମୋ ଦିହଯାକ ବି ଅବିକଳ ସେଇ କ୍ଷତ
ଯାହା ଉପରେ ଖୋଳପା ବାନ୍ଧିଆସୁଥାଏ ସମୟର
ତାକୁ କହେ, ଦେଖ୍ ତୋପରି
ମୁଁ ବି ମରିପାରିନି

ଏଡ଼େଇଯାଇଚି ମରଣର ଡାକ।

# ବିସର୍ଜନ

ଗାୟତ୍ରୀବାଳା ପଣ୍ଡା

ନଈରେ ଭସେଇଦେଇ ଆସିଚି ।

ନାଃ ! ପାପ ନୁହେଁ
କି ଭୟ ନୁହେଁ
କି ନୀରବତା ନୁହେଁ
ଭସେଇଦେଇଚି ଟେଳାଏ ସ୍ୱପ୍ନ
ନୀଳ ରଂଗର ।

କିଛିଦିନହେଲା ଖୁବ୍ ମାତିଥିଲି ତାକୁ ଆକାରଦବାରେ
କିଛିଦିନହେଲା ତାକୁ ମେଢରେ ବସେଇ
ଦୁଃଖସୁଖ ହେଉଥିଲି
ଗଲାକାଲି ତାକୁ ଭସେଇଦେଲି ନଈପାଣିରେ ।

ଏହା ହିଁ ନିୟମ । କିଏ କିଏ କହିଲେ କଥାଛଳରେ ।

ଆଜି ସକାଳେ ନଈରେ ଗାଧୋଇବାକୁ ଯାଇଥିବା
ଚଗଲା ପିଲା ପଂଝାଏ
ପାଇଲେ ତାର ଦି'ଟା ଆଂଗୁଠି, ଗୋଟାଏ ପାଦ
ପାଣି ଆଣି ଯାଇଥିବା ସ୍ତ୍ରୀଲୋକଟି
ଗରାରେ ନେଇଆସିଲା
ତାର କପାଳ ଓ ଆଖି
ଧୋବଣୀଟିଏ ଲୁଗା କାଚୁକାଚୁ ଲୁଗାରେ
ନେସିହେଇଗଲା ତାର ପେଟ ଓ କଂକାଳ
ନିତ୍ୟକର୍ମ ସାରିବାକୁ ଯାଇଥିବା ବୁଢାଟି
ଉଠେଇଆଣିଲା ଦି'ଟା ଗୋଡ଼
ଏବେ ନଈକୂଳଆଡ଼େ ଯାଇଥିଲି ଯେ
କୂଳରେ ପଡ଼ିଚି ତାର ଛାତି ତଳର ନୀରବତା
ଖରା ବାଜି ଶୁଖି ମଡ଼ମଡ଼ ।

ଏବେ ମୋ ଭିତରେ କେହିଜଣେ କାଂଦୁଚି
କୋହ ଉଠୁଚି, ଶୁଭୁଚି କିଛି ଗୋଟାଏ ଝଣ୍ଝାଣ୍
ଭାଂଗିଯିବାର ଶବ୍ଦ, ମୁଁ ଚଡ଼୍କି ଯାଉଚି ।

କାଲି ତାକୁ ମେଢରୁ ଉଠେଇଲାବେଳେ
ତା' ଆଖିକୁ ଚାହିଁଲିନି ମୁଁ ଜାଣିଜାଣି
ସବୁ କାମ ତୁନିହେଇ କରିଗଲାବେଳେ
କୋରିହେଇଯାଉଥିଲି କେଉଁ ଗୋଟେ
ଅପ୍ରାଧବୋଧରେ

ଘଣ୍ଟ, ଘଣ୍ଟା, ବାଜା, ବାଣ, ମାଇକ୍, ଲାଇଟରେ
ପ୍ରସେସନ୍ କଂପୁଥିଲାବେଳେ
ମୁଁ ଫାଳଫାଳ ବିଛେଇ ପଡୁଥିଲି ରାସ୍ତାଘାଟରେ

ଶେଷକୁ ଯାଡ଼େସ୍ୟାଡ଼େ ଚାହିଁ
ତାକୁ ବିସର୍ଜି ଦେଇଆସିଲି ନଈରେ
ଜାଣିଚି, ସବୁ ଅପରାଧକୁ କ୍ଷମାକରିଲାଭଳି
ଏ ଅପରାଧ ବି ସେ କ୍ଷମାକରିଦବ ସହଜରେ ।

## ଜଣେ ସ୍ତ୍ରୀଲୋକର ନିଜ ବିଷୟରେ ଭାବିବା

**ଗାୟତ୍ରୀବାଳା ପଣ୍ଡା**

ଭାବୁଥିଲି ମାଆକୁ ପଚ୍ଚାରିବି
ତା' ଜୀବନ କାଳରେ ଜଣେ ସ୍ତ୍ରୀଲୋକ
କେତେବେଳେ ନିଜ ବିଷୟରେ ଭାବେ !

ମାଛ କାଟୁକାଟୁ ପନିକିରେ କଟି ଯାଇଥିବା
ଆଂଗୁଠିରୁ ଝରି ପଡ଼େ ଧାରଧାର ରକ୍ତ
ସେ ଭାବୁଥାଏ ସକାଳ ଓଳି
ମନେପଡ଼ିଲାନି ସ୍ୱାମୀଙ୍କ ସାର୍ଟରୁ ଖସିପଡ଼ିଥିବା
ବୋତାମଟି ଲଗେଇବା କଥା
ସେ ଭାବୁଥାଏ ବାଡ଼ିପଟ ସଜନା ଗଛରେ
ଆସିଥିବା ନୂଆ ଫୁଲ
କାଚ୍ଚ ଜାର୍‌ରେ ଗଂଧେଇ ଯାଉଥିବା
କୋଳି ଆଚ୍ଚାର ଖରାରେ ଶୁଖେଇବା କଥା।

ସଂଜବୁଡ଼ିଲେ ସେ ତରବର ହେଉଥାଏ
ଛାତ ଉପରୁ ବଡ଼ିକୁଲା ଆଣି
ଘରେ ରଖିବାପାଇଁ
ସଂଜବେଳ ଗଡ଼ିଯିବା ଭୟରେ
ସଳିତା ସଜାଡୁଥାଏ
ଠାକୁର ଘରେ, ତୁଳସୀ ଚଉରା ମୂଳେ
ସେ ଭାବୁଥାଏ ରାତିରେ ରାନ୍ଧିବ କ'ଣ
ବଡ଼ ଦେଢ଼ଶୁରଙ୍କ ଝିଅକୁ କନିଆଖିଆ ଡାକିବାର କଥା।

ଜଣେ ସ୍ତ୍ରୀଲୋକ କେତେବେଳେ
ନିଜ ବିଷୟରେ ଭାବେ
ଭାବୁଥିଲି ମାଆକୁ ପଚାରିବି
କାରଣ ଯେତେବେଳେ ମୁଁ ଝିଅ ଥିଲି
ମୋର ଭାବିବାକୁ ଅନେକ୍ କିଛି ଥିଲା

ପରୀକ୍ଷାରେ ପଡ଼ିବାକୁ ଥିବା ପ୍ରଶ୍ନ
ଉପୁଡ଼ି ଯାଉଥିବା କେଶର ସୁରକ୍ଷା
ତ୍ୱଚ୍ଚାରେ ଚମକ ଆସିବାପାଇଁ
ନୂଆ ବାହାରିଥିବା ପ୍ରସାଧନ ସାମଗ୍ରୀ
ଇତ୍ୟାଦି ବିଷୟରେ

ସେତେବେଳେ ବୁଝି ନଥିଲି
ଜଣେ ସ୍ତ୍ରୀଲୋକ କାହିଁକି ଭାବିପାରେନି
ନିଜ ବିଷୟରେ କେତେବେଳେ
ଯଦିଓ ପୃଥିବୀରେ
ଅନେକ୍ ବିଷୟବସ୍ତୁ ରହିଥାଏ
କେବଳ ନିଜ ବିଷୟରେ ହିଁ ଭାବିବାପାଇଁ।

ନିଃସଂଗ ସମୟର ଆଖିମିଟ୍‌କା ଭଳି ମୋର ବ ର୍ମାନ
ତମାମ୍ ବ ର୍ମାନର ଦୀର୍ଘଶ୍ୱାସ ଭିତରେ
ମୋ ମାଆ, ସେଇ ସ୍ତ୍ରୀଲୋକ
ତା'ର ହସହସ ଦିଶିବାର ସର୍ବଶ୍ରେଷ୍ଠ ନିଛକ ଅଭିନୟ
ନିଜ ଭିତରେ ନିଜର ଅନୁପସ୍ଥିତିକୁ ଝାଳର ଗଂଧପରି
ବୋହିବୋହି ଚାଲିଥିବା
ତା'ର ଆୟୁଷର ଗଳିକଂଦି
ଯୋଉଠୁ ମୋର ସବୁ ଭାବନା ଧକ୍କାଖାଇ ଫେରିଆସେ
ମୁଁ ଚୁର୍‌ମାର୍ ହୋଇଯାଏ।

ତା' ଜୀବନକାଳରେ
ଯଦି ଟୋପାଏ ଲୁହ ନିଗାଡ଼ି ଦିଏ
ସେ ସ୍ତ୍ରୀଲୋକ
କେହି ଦେଖିବା ପୂର୍ବରୁ
କାହିଁକି ତରବରରେ ପୋଛି ପକାଏ ତାକୁ

ଭାବୁଥିଲି ପଚ୍ଚାରିବି ମାଆକୁ !

# ହାତ

**ଗାୟତ୍ରୀବାଳା ପଣ୍ଡା**

ଅନେକ ଥର ସ୍ୱପ୍ନରେ
ମୋ ପାଖକୁ ଲମ୍ବିଆସେ ଗୋଟେ ହାତ ।

ମୁହଁ ଦିଶେନି
ଦିଶେନି ଦେହ କି ଗୋଡ଼
କେବଳ ହାତଟିଏ

ଏ ହାତ କାହାର !

ମନ୍ଦିର ସାମ୍ନାରେ ବସିଥିବା ଧାଡ଼ିଧାଡ଼ି କୁଷ୍ଠରୋଗୀ
ବସଷ୍ଟାଣ୍ଡରେ ବୁଲୁଥିବା ବୁଢୀ ବାୟାଣୀ
ଅଭିଶାପରେ ଆକ୍ରାନ୍ତ ଦଳେ ବାଟବଣା ଲୋକ
ପିଲା କାଖେଇ କାନ୍ଦୁଥିବା ଦଶ ବର୍ଷର ଝିଅ
ଢାବାରେ ଅଇଁଠା ପ୍ଲେଟ୍ ଧୋଉଥିବା ଛୋଟ ପୁଅଟି
ନିଆଁରେ ଜଳିଯାଉଥିବା ସ୍ତ୍ରୀଲୋକ
ଏମାନଙ୍କ ଭିତରୁ କାହାର ସେ ହାତ !

ଭିକ ମାଗୁଥିବା
ଭାତ ମାଗୁଥିବା
ନିଦ ମାଗୁଥିବା
ନିରାପତ୍ତା ମାଗୁଥିବା
ଉତ୍ତର ମାଗୁଥିବା
ସେ ହାତକୁ ମୁଁ ଅନ୍ଧାରରେ ବି ଦେଖିପାରେ
ଏମିତିକି ଆଖି ବନ୍ଦ୍ କଲେ ବି
ଦିଶେ ସେ ହାତ ।

ମତେ ଲାଗେ
ସେ ହାତ ନୁହଁ ତ
ମଣିଷର ଅମଣିଷପଣିଆକୁ
ରକ୍ତଜର୍ଜର କରିପାରିଲାଭଳି ଗୋଟେ ଧାରୁଆ ଅସ୍ତ୍ର ।

ଶତାବ୍ଦୀରୁ ଶତାବ୍ଦୀକୁ
ଇତିହାସରୁ ଭବିଷ୍ୟତଯାଏଁ ଲମ୍ବିଥାଏ
ପଟୁଆରଭଳି, ନିର୍ବାକ୍, ବିବଶ
କା' ଆଖିକୁ ଦିଶେନି ବୋଲି
ତା' ବିଷୟରେ ଆଲୋଚନାର, ଭାବିବାର
ଅବକାଶ ନଥାଏ ।

ମୃଦଙ୍ଗ ପିଟୁଥିବା ସବୁ ଲୋକଙ୍କଠି
ମୁଁ ଖଞ୍ଜିଦିଅନ୍ତି ସେ ହାତ
ଶବ୍ଦର ପ୍ରଚଣ୍ଡତାରେ ହୁଲସ୍ଥୁଲ ହୁଅନ୍ତା ବ୍ରହ୍ମାଣ୍ଡ
ଛକରେ ବସି ତାସ୍ ଖେଳୁଥିବା ଲୋକ
ହଠାତ୍ ଉଠିଆସନ୍ତା ତା' ଥାନରୁ
କବାଟ କିଳି ଘରେ ରହିଥିବା ଲୋକ
ମେଲିଦିଅନ୍ତା କବାଟ
ରଜାହେଇ ମଞ୍ଚରେ ବସିଥିବା ଲୋକ
ଉତାରି ପକାନ୍ତା ସାଜ

ସେଦିନ ନିଜ ଦୟନୀୟ ଭାଗ୍ୟଠୁଁ
ହଠାତ୍ ମୁକୁଳିଯାଆନ୍ତା ସେ ହାତ ।